# Akashvani, Sambalpur

## SAMBALPURI NEWS BULLETIN

### 1 June 2025- 6.47- 6.52 am.

***********************************************

ମୁଖ୍ୟମନ୍ତ୍ରୀ-ଦୁଗ୍ଧ ଚାଷୀ ସାହାଜ୍             ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଦୁଗ୍ଧ ଚାଷ୍‌କେ ଦୁଇଗୁନା କର୍‌ବାର୍ ଲାଗି ଆଏଜ୍ ଦୁଗ୍ଧ ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୭୫ ଟା ଗୋଶାଲାକେ ୧୦ କୋଟି ୫୦ ଲାଖ୍ ଟଙ୍କାର୍ ସାହାଜ୍ ବାଂଟ୍‌ବେ । ଆଘୋନୁ ୬୬ ଟା ଗୋଶାଲାକେ ୯ କୋଟି ୮୦ ଲାଖ୍ ଟଙ୍କା ଦିଆଯାଇଛେ । ସର୍‌କାର୍ କାମ୍‌ଧେନୁ ଯୋଜ୍‌ନାଥି ୭୦ ପ୍ରତିଶତ୍ ଚାଷୀମାନ୍‌କୁ ଗାଈ ଯୁଗେଇ ଦଉଛନ୍ । ଓମ୍‌ଫେଡ୍ ସଂସ୍ଥାକେ ଭିଲ୍ ଅଏତ୍‌କା କ୍ରୀୟାଶୀଳ କର୍‌ବାର୍ ସହେତେ ଚାଷୀମାନ୍‌କୁ ଗୋଖାଦ୍ୟ ଆଉ ଘାସ୍ ଚାଷ୍ ଲାଗି ସାହାଜ୍ ଯୁଗେଇ ଦିଆଯିବା । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ୍ ପୂର୍ତ୍ତ ଆଉ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆଉ ମତ୍ସ୍ୟ, ପ୍ରାଣୀ ସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଠାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଅଭିଯୋଗ୍ ଶୁଣାଣି ତାରିଖ୍ ସାଧାରଣ୍ ଲୁକ୍କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ୍- ସମ୍ବଲପୁର୍ ଗସ୍ତ ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲପୁର ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଗଲାକାଏଲ୍ ଭିନ୍ ଭିନ୍ ଶିବମନ୍ଦିର୍ ବୁଲ୍ବାର୍ ସହେତେ ଉନ୍ନୟନ୍ମୂଲକ୍ ପ୍ରକଳ୍ପମାନ୍କର୍ ଉଦ୍ଘାଟନ୍ କରିଛନ୍ । ସମ୍ବଲ୍ପୁର୍ ମହାନଗର୍ ନିଗମ୍ ଅଂଚଲ୍ ନ କରାଯାଇଥିବା ସୌନ୍ଦର୍ଯୀକରଣ୍ର ଉଦ୍ଘାଟନ୍ କରିଛନ୍ । ଇ ଅବ୍ସରେ ଚାର୍ଭାଟି ପାଶେ ହେରିଟେଜ୍ ଲାଇଟ୍, ଗୋଲ୍ବଜାରଛକ, ଶକ୍ତିଛକର ସୌନ୍ଦର୍ଯୀକରଣ୍ ଲାଗି ଆନୁସଙ୍ଗିକ୍ ବ୍ୟବସ୍ଥାର୍ ଲୋକାର୍ପଣ୍ କରିଛନ୍ । ଇତାର୍ ସହେତେ ଗଲାକାଏଲ୍ ବାଲିବନ୍ଧାର୍ ସୋମ୍ନାଥ୍ ମନ୍ଦିର୍, ସିନ୍ଦୁର୍ପଙ୍କ୍ର ତାରେକେଶ୍ୱର ମନ୍ଦିର, ମାନେଶ୍ୱର୍ର ମାନ୍ଧାତା ମନ୍ଦିର୍, ଭତ୍ରାର୍ ସ୍ୱପ୍ନେଶ୍ୱର୍ ମନ୍ଦିର୍, କୁଲୁଥିକାନି କନ୍ତେଶ୍ୱର ମନ୍ଦିର ସହେତେ ମୁଖିଆ ଶିବମନ୍ଦିର୍ ମାନ୍କେ ଦର୍ଶନ୍ କରିଛନ୍ ।

ଶୀତଲ୍‌ଷଷ୍ଠୀ          ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଢ଼୍ ବାଲୁଙ୍କେଶ୍ୱର୍ ବାବା, ଝାଡୁଆପଡ଼ାର ଲୋକନାଥ ବାବା ଆର୍ ମୁଦିପଡ଼ାର ଜାଗେଶ୍ୱର୍ ବାବାଙ୍କର୍ କନ୍ୟାପିତାଙ୍କର୍ ଘରେ ମା ପାର୍ବତୀଙ୍କର୍ ସଙ୍ଗେ ବୈଦିକ୍ ରୀତିନୀତି ସହେତେ ବ୍ରାହ୍ମମୁହୂର୍ତ୍ତଥି ବିହାଘର୍ ହେଇଯାଇଛେ । ଇତାର୍‌ଛଡ଼ା ସହରର୍ ବାଲିବନ୍ଧାର୍ ସୋମ୍‌ନାଥ ବାବା, ଠାକୁର୍‌ପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର୍ କୋଶଲେଶ୍ୱର୍ ବାବା ଆର୍ ମହାମାୟା ଗୁଡ଼ିର ମହାକାଲେଶ୍ୱର୍ ବାବା, ଦୁର୍ଗାପାଲିର ଗୁଡ଼େଶ୍ୱର୍ ବାବାଙ୍କର୍ ବିହାଘର୍ ମା ପାର୍ବତୀଙ୍କର୍ ସାଙ୍ଗେ ହେଇଯାଇଛେ । ଗଲାରାତି ଦେବ ଦେବ ମହାଦେବ କନ୍ୟାପିତାଙ୍କର୍ ଘର୍‌କେ ବରାତି ଶୋଭାଯାତ୍ରାଥି  ପୁହୁଁଚିଥିଲେ । ଶୋଭାଯାତ୍ରା ସମିଆଥି ଶଙ୍ଖ, ଘଂଟ, ସମ୍ପର୍ଦା, ଦୁଲ୍‌ଦୁଲି ବାଜା ସଙ୍ଗେ କଲାକାର୍‌ମାନ୍‌କର୍ ନାଚ୍‌ଗୀତ୍‌ଥି ସମ୍ବଲ୍‌ପୁର୍ ସହର୍ ଉତ୍ସବମୁଖର୍ ଥିଲା । ଇ ବାବ୍‌ଦେ ଆମର୍ ସମ୍ବାଦଦାତାଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ଗୁଣମଣି ବିଶ୍ୱାଲ୍)

ବର୍‌ଗଡ଼୍-ସ୍ୱାସ୍ଥ୍ୟ, ପରିବାର୍ କଲ୍ୟାଣ୍ ମନ୍ତ୍ରୀ/ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲାର୍ ପ୍ରଭାରୀ ମନ୍ତ୍ରୀ ଦାୟିତ୍ୱଥି ଥିବା ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ ବର୍‌ଗଡ଼୍ ଗସ୍ତଥି ଆସିକରି ଭିନ୍ ଭିନ୍ ଉନ୍ନୟନ୍‌ମୂଳକ୍ କାମ୍‌ର ସମୀକ୍ଷା କରିଛନ୍ । ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଥିବା ବୈଠକ୍‌ଥି ବିଭାଗୀୟ ଅଧିକାରୀମାନ୍‌କର୍ କାମ୍‌ର ସମୀକ୍ଷା କରିକରି ଧାନ୍ ଘିନା ପ୍ରକ୍ରିୟାର୍ ସୁପରିଚାଳନା ଆଉ ଚାଷୀମାନ୍‌କର୍ ନୁକ୍‌ସାନ୍‌ର ସଠିକ୍ ଆକଲନ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ ।

ବିକଶିତ୍ କୃଷି ସଂକଳ୍ପ ଅଭିଯାନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଅତାବିରା ବ୍ଲକ୍‌ର ଗୋଡ଼ଭଗା, ଚକ୍‌ଲି ଆର୍ କୁଲୁଣ୍ଡା ପଂଚାୟତ୍ ଠାନେ ଅତାବିରା କୃଷି ବିଭାଗ୍ ତର୍‌ଫୁ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ମୁଲ୍ ହେଇଛେ । ଇ ଅଭିଯାନ୍ ଜରିଏ ଚାଷୀମାନ୍‌କୁ ଖରିଫ୍ ଫସଲ୍‌ର ପ୍ରଯୁକ୍ତି ସୂଚନା ଦେବାର୍ ସହେତେ ମୃତିକା ସ୍ୱାସ୍ଥ୍ୟ କାର୍ଡ଼ ଆଧାରିତ୍ ଫସଲ୍ ବାଗିର୍ ଭିନ୍ ଭିନ୍ ବିଷେଥି ବୈଜ୍ଞାନିକ୍‌ମାନେ ଚାଷୀମାନ୍‌କୁ ସୂଚ୍‌ନା ଦେଇଛନ୍ ।

ଗୋବିଜ୍ଞାନ, ଗୋ ଅର୍ଥନୀତି ପ୍ରଶିକ୍ଷଣ ଶିବିର          ହି.ସ.

ସୁବର୍ଣ୍ଣପୁର୍ ଜିଲ୍ଲା ପାତାଳି ଶ୍ରୀକ୍ଷେତ୍ର କୋଟସମଲେଇ ଠାନେ ଚାଲିଥିବା ଗୋବିଜ୍ଞାନ, ଗୋ ଅର୍ଥନୀତି ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍ସରେ ଅତିଥି ମାନେ ବିଷେ ଉପ୍ରେ ଲୁକ୍କୁ ବୁଝେଇଥିଲେ ।

ନୂଆପଡ଼ା-ବର୍ଷା            ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଲଘୁଚାପ୍ ବର୍ଷା ଲାଗି ଜୀବନ୍ ଯାତ୍ରା ପ୍ରଭାବିତ୍ ହେବାର୍ ସହେତେ ଧାନ୍ ଅମଲ୍ କାମ୍ ପ୍ରଭାବିତ୍ ହେଇଛେ । କ୍ଷେତ୍ ମାନ୍କେ ଧାନ୍ ବତ୍ରିକରି ଗଜା ହେଇଥିବାର୍ ବେଲ୍କେ ସର୍କାର୍ ଫସଲ୍ ନୁକ୍ସାନ୍ର ଆକଲନ୍ କର୍ବାର୍କେ ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଏସିଏନ୍ ଏଥ୍ଲେଟିକ୍ସ ଚମ୍ପିଆନ୍ସିପ        ଏକ୍ସ

ଦକ୍ଷିଣ କୋରିଆଠାନେ ଚାଲିଥିବା ଏସିଏନ୍ ଏଥ୍ଲେଟିକ୍ସ ଚମ୍ପିଆନ୍ସିପ୍ ଗଲାକାଏଲ୍ ଉଦ୍ଯାପିତ ହେଇଯାଇଛେ । ଭାରତ୍କେ ୩ ଟା ରୌପ୍ୟ

ସହେତେ ୬ ଟା ପଦକ୍ ମିଲିଛେ । ଚମ୍ପିଅନ୍‌ସିପ୍‌ର ୪ ଗୁନା ଶହେ ମିଟର୍ ରିଲେ ରେସ୍‌ଥି ଭାରତୀୟ ମହିଲା ଦଲ୍ ରୌପ୍ୟ ପଦକ୍ ଜିତିଛେ । ଦଲ୍‌ଥି ଓଡ଼ିଶାର୍ ଧାବିକା ଶ୍ରାବଣୀ ନନ୍ଦ ରହିଛନ୍ । ତାଙ୍କୁ ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଉ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଶୁଭେଚ୍ଛା ଜନେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ଦୁର୍ବଲ୍ ହେବାର୍ ସହେତେ ଉତର୍ ପୂର୍ବ ଆସାମ୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକାକେ ଗତି କରିଛେ । ଇତାର୍‌ବଲେ ଓଡ଼ିଶାର୍ ବଡ଼ଭାଗୀ ଜାଗା ନ ବର୍ଷା ହେଇଥିବାର୍ ବେଲେ ବର୍‌ଗଡ୍, ଦେବ୍‌ଗଡ୍, ନୂଆପଡ଼ା, ସୁନ୍ଦର୍‌ଗଡ୍ ସହେତେ ୮ ଟା ଜିଲ୍ଲା ନ ଅପର୍‌ବଲ୍ ବର୍ଷା ରେକର୍ଡ଼ କରାଯାଇଛେ । ଆଏଜ୍ ଭିଲ୍ ପଶ୍ଚିମ ଓଡ଼ିଶା ସହେତେ ସାରା ରାଏଜେ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ୍ କରିଛେ ।